# ପିଲାଙ୍କ ଧରିତ୍ରୀ

ଶନିବାର, ୦୯ ମାର୍ଚ୍ଚ, ୨୦୧୯



୩ ପାଣି ଭିତରେ ମ୍ୟୁଜିୟମ୍







୮ ଆଇନା

କବିତା ୬





୭ ଜଣା-ଅଜଣା






ଏକ ମୋବାଇଲ୍ କମ୍ପାନୀର ସେଲ୍ସମ୍ୟାନ୍‌ର ପତଳା ଝାଡା ହେବାରୁ, ସେ ସିଧା ଡାକ୍ତରଙ୍କ ନିକଟକୁ ଯାଇ କହିଲା–ସାର୍, ସକାଳୁ ଅନବରତ ଆଉଟ୍‌ଗୋଇଙ୍ଗ ଚାଲୁଛି, ଭିତରେ ବିଭିନ୍ନ ପ୍ରକାର ରିଙ୍ଗଟୋନ୍ ଶୁଣାଯାଉଛି ...ପେଟରେ ବାଲାନ୍ସ ସରିଗଲାଣି...ଛୋଟ ରିଚାର୍ଜ କରୁଛି ତ ସେ ବି ପାଞ୍ଚମିନିଟ୍‌ରେ ଡିସ୍ଚାର୍ଜ ହୋଇଯାଉଛି, ଦୟାକରି ଏହି ସ୍କିମ୍‌କୁ କୌଣସି ପ୍ରକାରେ ବନ୍ଦ କରନ୍ତୁ।

ପପୁ: ବାପା, କାଲି ତୁମେ ଟିକେ ମୋ ସ୍କୁଲ୍‌କୁ ଆସିବ ।
ବାପା: କାହିଁକି ?
ପପୁ: ସ୍କୁଲ୍‌ରେ ଗୋଟିଏ ଛୋଟ ପ୍ୟାରେଣ୍ଟ–ଟିଚର ମିଟିଂ ଅଛି।
ବାପା: ମାନେ ?
ପପୁ: ଏହି ମିଟିଂରେ କେବଳ ତୁମେ ମୁଁ ଆଉ ପ୍ରିନ୍ସିପଲ୍ ରହିବେ।

## ଖିଲିଖିଲି ହସ



(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ: ଭଗବାନ ତୋତେ ଦୁଇ ଦୁଇଟି ଆଖି ଦେଇଛନ୍ତି, ଚାଉଳରୁ ଦୁଇ ଚାରିଟା ଗୋଡି ବାହାର କରିପାରୁନୁ ?

ଦ୍ୱିତୀୟସାଙ୍ଗ: ଭଗବାନ୍ ତୋତେ ୩୨ଟି ଦାନ୍ତ ଦେଇଛନ୍ତି, ଆଉ ଦୁଇ–ଚାରିଟା ଗୋଡି ଚୋବାଇ ପାରିବୁନି।




## ମତାମତ


- ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଜାଗର ସମ୍ପର୍କିତ ହୋଇଥିବାରୁ ଖୁବ୍ ଭଲ ଲାଗିଲା ।
  – ଅନ୍ୱେଷା ଷଡଙ୍ଗୀ, ମୁକୁନ୍ଦପୁର, ବାଙ୍କୀ
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଓଡିଶାର ପ୍ରମୁଖ ଶୈବପୀଠ,ଭଗବାନ୍ ଶିବଙ୍କର ବିଭିନ୍ନ ନାମ ବିଷୟରେ ଜାଣିପାରିଲୁ।
  – ନିକିତା, ଲକି, ସୋର, ବାଲେଶ୍ୱର
- ଏଥର ପୃଷ୍ଠା ୬ଟି ସମ୍ପୂର୍ଣ୍ଣ ଅଲଗା ଲାଗୁଥିଲା। କବିତାଗୁଡିକୁ ଅନ୍ୟ ପ୍ରକାରେ ସ୍ଥାନିତ କରାଯାଇଥିବାରୁ ପୃଷ୍ଠାଟି ଭଲ ଲାଗୁଥିଲା ।
  – ମଧୁସ୍ମିତା ସାହୁ, ଜଟଣୀ, ଖୋର୍ଦ୍ଧା
- ଗପ ସ୍ତମ୍ଭରେ ପ୍ରକାଶିତ ମହାଶିବରାତ୍ରିରୁ ଏହି ଦିନର ମହତ୍ତ୍ୱ ବିଷୟରେ ଜାଣିବାକୁ ମିଳିଲା। ସେଥିପାଇଁ ଧନ୍ୟବାଦ।
  – ଅର୍ମାନ୍ ଦାସ, ଭବାନୀପାଟଣା

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଗପ



# ବୃକ୍ଷ ହିଁ ଆମର ଜୀବନ

ଦାକ୍ଷିଣାତ୍ୟର ହାଇଦ୍ରାବାଦ ସହର ନିକଟରେ ଏକ ଗ୍ରାମରେ ନାମଦେବ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଦିନର କଥା। ନାମଦେବଙ୍କର ମାଆ, ପୁଅକୁ ପାଖକୁ ଡାକିଲେ ଓ ଏକ ନିର୍ଦ୍ଦିଷ୍ଟ ବୃକ୍ଷର ନାଁ ନେଇ କହିଲେ, ପୁଅ ଜଙ୍ଗଲକୁ ଯାଇ ଏହି ଗଛର ଛାଲି ଆଣିବୁ। ମୁଁ ସେଥିରୁ ଔଷଧ ପ୍ରସ୍ତୁତ କରିବି।

ନାମଦେବ ମା'ଙ୍କର ଆଦେଶ ପାଇ ସଙ୍ଗେ ସଙ୍ଗେ ଜଙ୍ଗଲକୁ ବାହାରିଗଲେ। ଛୁରି ଦ୍ୱାରା ଗଛର ଗଣ୍ଡିରୁ ଛେଲି ବାହାର କଲେ ଓ ସାଙ୍ଗରେ ନେଇ ଫେରିଲେ। ଛାଲିରୁ ଠୋପା ଠୋପା ହୋଇ କ୍ଷୀର ଝରି ପଡୁଥାଏ। ନାମଦେବ ପିଲାବେଳୁ ସାଧୁସନ୍ଥଙ୍କ ସହିତ ମିଶିବାକୁ ଭଲ ପାଉଥିଲେ। ଦୈବାତ୍ ସେଦିନ ଜଣେ ସାଧୁଙ୍କ ସହିତ ସାକ୍ଷାତ ହୋଇଗଲା। ନାମଦେବ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ।

ସନ୍ଥ ପଚାରିଲେ–ବତ୍ସ! ହାତରେ କ'ଣ ଧରିଛ? ନାମଦେବ କହିଲେ– ଔଷଧ ପ୍ରସ୍ତୁତ ନିମନ୍ତେ ଗଛର ଛାଲି ସଂଗ୍ରହ କରି ନେଉଛି।

ସନ୍ଥ ବୁଝାଇବାକୁ ଯାଇ କହିଲେ– ଜିଅନ୍ତା ଗଛର ଛାଲି ଉତ୍ତାରିଲେ ଗଛକୁ ବହୁତ କଷ୍ଟ ହୁଏ। ଏହା ଅଧର୍ମ ମଧ୍ୟ। କାହିଁକି ନା ଗଛର ବି ଜୀବନ ଅଛି। ଆଉ ଗଛକୁ ଦେବତା ପରି ପୂଜା କରାଯାଏ। ଗଛ ମଧ୍ୟ ପ୍ରାଣୀ ଜଗତର ବନ୍ଧୁ। ବୈଦ୍ୟମାନେ ଯେତେବେଳେ ଗଛରୁ ପତ୍ର ତୋଳନ୍ତି ପ୍ରଥମେ ଗଛକୁ ହାତଯୋଡ଼ି ପ୍ରଣାମ କରନ୍ତି ଆଉ କୁହନ୍ତି, ଅନ୍ୟର ପ୍ରାଣରକ୍ଷା ନିମନ୍ତେ ହେ ବୃକ୍ଷ ଦେବତା ଆପଣଙ୍କୁ କଷ୍ଟ ଦେଉଛି। ଆଉ ଏହା ଆମ ସଂସ୍କୃତିର ବିଧାନ। ନାମଦେବ ଆଉ କିଛି କହିଲେ ନାହିଁ। ସେ ଅନ୍ୟମନସ୍କ ହୋଇ ଉଠିଲେ। ଘରେ ପହଞ୍ଚି ଗଛର ଛାଲିକୁ ମା'ଙ୍କୁ ଦେଲେ। ଘର କୋଣରେ ବସି ସେହି ଛୁରିରେ ନିଜ ଗୋଡରୁ ଛାଲ ଉତ୍ତାରିବାକୁ ଲାଗିଲେ। ରକ୍ତ ବୋହି ଚାଲିଥାଏ। କିଛି ସମୟ ପରେ ମା' ପୁଅକୁ ଖୋଜି ଖୋଜି ଆସି ଏ ଦୃଶ୍ୟ ଦେଖିଲେ। ବ୍ୟସ୍ତ ହୋଇ ପଚାରିଲେ–ଆରେ ପାଗଳା ଏସବୁ କ'ଣ କରୁଛୁ?

ନାମଦେବ ଉତ୍ତର ଦେଲେ–ମାଆ! ଆଜି ଜଣେ ସନ୍ଥ କହୁଥିଲେ ଗଛର ବି ଜୀବନ ଅଛି। ମୁଁ ଗୋଡରୁ ଛାଲ ଉତ୍ତାରି ଦେଖୁଥିଲି ଛାଲ ଉତ୍ତାରିଲେ କେତେ କଷ୍ଟ ହେଉଛି।

ମାଆ ପୁଅକୁ କୋଳକୁ ଉଠାଇ ନେଲେ ଆଉ କହିଲେ ସାଧୁ ସଙ୍ଗ ମଣିଷକୁ କ'ଣ କରି ନ ପାରେ? ସାଧୁ ତୋତେ ଉତ୍ତମ ଜ୍ଞାନ ପ୍ରଦାନ କରିଛନ୍ତି। ପ୍ରକୃତରେ ବୃକ୍ଷଲତାଙ୍କର ମଧ୍ୟ ଜୀବନ ଅଛି। ଦିନେ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ବୃକ୍ଷର ଜୀବନ ବିଷୟରେ ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ପ୍ରାଣୀ ଓ ବୃକ୍ଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ମାନବ ଜୀବନ ନିଜର ଭୌତିକ ଅସ୍ତିତ୍ୱ ପାଇଁ ବନସ୍ପତି ଜଗତ ଉପରେ ନିର୍ଭର କରିଥାଏ। ବୃକ୍ଷର ସ୍ଥାବର ଶରୀର ମଧ୍ୟରେ ଜୀବର ସ୍ଥିତି ଅଛି, କାହିଁକି ନା ବୃକ୍ଷ ଭିତରେ ପଞ୍ଚ ଇନ୍ଦ୍ରିୟ ଓ ଚେତନର ବିକଶିତ ରୂପ ଦେଖିବାକୁ ମିଳିଥାଏ। ବୃକ୍ଷର ଚୈତନ୍ୟ ଶକ୍ତି ଅଛି। ବୃକ୍ଷ ସମବେଦନା ଜଣାଇ ପାରେ, ଦେଖିପାରେ, ଶୁଣିପାରେ ଆଉ ଖାଇପାରେ। ସୁଖ–ଦୁଃଖର ଅନୁଭୂତି ମଧ୍ୟ ବାଣ୍ଟିପାରେ। ଜୀବନ ଶକ୍ତିର ସ୍ପନ୍ଦନ ଏହାର କୋଷରେ ଅଛି। ଯେପରି ମାନବ ଜୀବନରେ ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଏହି ପଞ୍ଚପ୍ରାଣ ବିଭିନ୍ନ କାର୍ଯ୍ୟ କରିଥାଏ, ସେହିପରି ବୃକ୍ଷ ମଧ୍ୟରେ ଏଭଳି କାର୍ଯ୍ୟ କରିଥାଏ। ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ନାମକ ତନ୍‌ମାତ୍ର ମଧ୍ୟ ବୃକ୍ଷ ମଧ୍ୟରେ ନିହିତ ଅଛି।

ଆମେ ବୃକ୍ଷ ସମୂହକୁ ସୁରକ୍ଷା ଦେବା ଓ ନିଜେ ଏହି ସଂସାରକୁ ସୁରକ୍ଷିତ କରିପାରିବା।

**–ଡ.ତ୍ରିନାଥ ପଟ୍ଟନାୟକ**
*ସଂପାଦକ,ପୁରାଣ ପତ୍ରିକା, ନିଆଳୀ, କଟକ*
*ମୋ: ୯୯୩୭୮୪୦୩୮୭*

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ବରଫର ଘର

ବିଜ୍ଞାନ କଥା

# ଇଗ୍‌ଲୁ





**ସ୍ମିତା ନାୟକ**

କାନାଡ଼ା, ଗ୍ରୀନ୍‌ଲାଣ୍ଡ, ରୁଷ୍ ତଥା ଆଲାସ୍କାର ବରଫାବୃତ କ୍ଷେତ୍ରଗୁଡ଼ିକରେ ରହୁଥିବା ଏସ୍କିମୋ ନିଜ ଘର ବରଫରେ ତିଆରି କରନ୍ତି, ଯାହାକୁ 'ଇଗ୍‌ଲୁ' କୁହାଯାଏ। ସେଠାରେ ଭବନ ନିର୍ମାଣର ସାମଗ୍ରୀ ଉପଲବ୍ଧ ନାହିଁ। ଏଣୁ ଏସ୍କିମୋମାନେ ଚାରିପଟେ ଖେଳାଇ ହୋଇ ପଡ଼ିଥିବା ବରଫର ମୋଟା ପରସ୍ତକୁ କାଟି ଘର ତିଆରି କରନ୍ତି । ଆକାରରେ ଗମ୍ବୁଜାକାର ଏହି ଘରର ବାହ୍ୟ ତାପମାତ୍ରା ଶୂନଠାରୁ ୪୫ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥାଏ। ପରନ୍ତୁ ଇଗ୍‌ଲୁ ଭିତରେ ତାପମାତ୍ରା ୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ରହିଥାଏ। ଏହଭଳି ଏସ୍କିମୋ ଅତ୍ୟନ୍ତ କମ୍ ତାପମାତ୍ରା ତଥା ଥଣ୍ଡା ପବନଠାରୁ ରକ୍ଷା ପାଇବା ପାଇଁ ବରଫର ଘରକୁ ଉପଯୋଗ କରନ୍ତି । ଇଗ୍‌ଲୁର ଆକାର ଭିନ୍ନ ଭିନ୍ନ ହୋଇଥାଏ। କେତେକ ଇଗ୍‌ଲୁ ଏତେ ଛୋଟ ହୋଇଥାଏ ଯେ ସେଠାରେ କେବଳ ଜଣେ ବ୍ୟକ୍ତି ରହିପାରିବ। ଅନ୍ୟ କେତେକ ଇଗ୍‌ଲୁ ଭିତରେ ୪ରୁ ୫ କୋଠରି ରହିଥାଏ। ବେଳେବେଳେ ସୁବିଧା ଦୃଷ୍ଟିରୁ ଗୋଟିଏ ବଡ଼ ଇଗ୍‌ଲୁ ବରଫ ତିଆରି ସୁଡ଼ଙ୍ଗ ଦ୍ୱାରା ଅନେକ ଛୋଟ ଛୋଟ ଇଗ୍‌ଲୁ ସହ ଯୋଡ଼ି ହୋଇଥାଏ। ଫଳରେ କବାଟ ଖୋଲିବା ଏବଂ ବନ୍ଦ ହେବା ସମୟରେ ବାହ୍ୟ ତାପମାତ୍ରାର ପ୍ରଭାବ ଭିତର ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ। ବରଫରେ ତିଆରି ଏହି ଘରଗୁଡ଼ିକରେ ଝରକା ନଥାଏ। କବାଟ ମଧ୍ୟ ଅତ୍ୟନ୍ତ ଛୋଟ ଏବଂ ଗୋଲାକାର ବରଫ ଖଣ୍ଡରେ ତିଆରି କରାଯାଇଥାଏ । ଯେଉଁଥିରେ ବ୍ୟକ୍ତିଜଣକ ନଇଁ କରି ଇଗ୍‌ଲୁରେ ପ୍ରବେଶ କରିପାରିବ। ବସ୍ତୁତଃ ଯେନତେନ ପ୍ରକାରେ ବାହାର ଓ ଭିତର ତାପମାତ୍ରାରେ ତାପ ଅବରୋଧୀ ବରଫର ସଂପୂର୍ଣ୍ଣ ଉପଯୋଗ ହୋଇପାରିବ।

ସ୍ଥାପତ୍ୟକଳା ଦୃଷ୍ଟିରୁ ଆର୍କଟିକ୍ ବୃତ୍ତରେ ତିଆରି କରାଯାଉଥିବା ଏହି ବରଫ ଘର ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ। ଏହା ସର୍ବବିଦିତ ତଥ୍ୟ ଯେ ବରଫ ପ୍ରାକୃତିକ ରୂପେ ତାପ ପ୍ରତିରୋଧୀ ଗୁଣରେ ସକ୍ଷମ । ଏହାର ତାତ୍ପର୍ଯ୍ୟ ଏହା ଯେ, ଇଗ୍‌ଲୁର ବାହାର ତାପମାତ୍ରା ଯେତେ କମ୍ ହେଲେ ମଧ୍ୟ ଭିତର ତାପମାତ୍ରାକୁ ତାହା ପ୍ରଭାବିତ କରିପାରି ନ ଥାଏ । ଦ୍ୱିତୀୟତଃ ସିଲ୍ ମାଛ ତେଲରେ ଇଗ୍‌ଲୁ ଭିତରେ ଲ୍ୟାମ୍ପ ଜଳାଯାଇଥାଏ। ଯଦ୍ୱାରା ଭିତରର ତାପମାତ୍ରା ଆହୁରି ବୃଦ୍ଧି ପାଇଯାଏ। ଯଦି ଭିତରେ ବରଫ ତରଳି ଯାଏ, ତେବେ ଥଣ୍ଡାରେ ପୁଣି କଠିନ ହୋଇଥାଏ । ଏହି ଅଞ୍ଚଳଗୁଡ଼ିକରେ ବର୍ଷା ବରଫ ଭାବେ ହୋଇଥାଏ ଏବଂ ଇଗ୍‌ଲୁ ଉପରେ ପଡ଼ିବା ଦ୍ୱାରା ଏହାର ପରସ୍ତ ସ୍ୱତଃ ମୋଟା ହୋଇଯାଏ । ଏହିପରି ଭାବେ ସୂର୍ଯ୍ୟ କିରଣରେ ଯଦି ଇଗ୍‌ଲୁର ଛାତ ତରଳିଯାଏ, ତେବେ ମଧ୍ୟ ବରଫ ବର୍ଷା କାରଣରୁ ଏହା ପୂର୍ଣ୍ଣ ହୋଇଯାଏ। ଇଗ୍‌ଲୁ ଭିତରେ ବରଫର ହିଁ ବିଛଣା ଥାଏ, ଯାହା ଚାରିକୋଣିଆ ହୋଇ ଖଟ ଆକାର ଧାରଣ କରିଥାଏ। ମନୁଷ୍ୟ ସେହି ବରଫ ଖଟ ଉପରେ ଚମଡ଼ା କିମ୍ବା ସିଲ୍ ମାଛ କାତିରେ ଚଦର ତିଆରି କରି ତା' ଉପରେ ଶୁଏ ଏବଂ ବସାଉଠା କରିଥାଏ । ଇଗ୍‌ଲୁର ଏପରି ନିର୍ମାଣ କାର୍ଯ୍ୟ ଯୋଗୁଁ ବାହାରେ ପ୍ରବଳ ଥଣ୍ଡା ସତ୍ତ୍ୱେ ମନୁଷ୍ୟ ଇଗ୍‌ଲୁ ଭିତରେ ଆରାମରେ ରହିପାରେ।

– ଭଞ୍ଜନଗର, ଗଞ୍ଜାମ



ଆସ ଜାଣିବା

# ପାଣି ଭିତରେ ମ୍ୟୁଜିୟମ୍




ପୃଥିବୀରେ ଏଭଳି ଅନେକ ମ୍ୟୁଜିୟମ୍ ରହିଛି ଯେଉଁଠାରେ ସମଗ୍ର ବିଶ୍ୱରୁ ସଂଗୃହୀତ ହୋଇଥିବା ଅନେକ ଅଜବ ଜିନିଷ ସବୁ ସାଇତା ହୋଇ ରହିଛି। ତେବେ ମେକ୍ସିକୋର କାନକନଠାରେ ରହିଛି ଏଭଳି ଏକ ମ୍ୟୁଜିୟମ୍ ଯାହା ପର୍ଯ୍ୟଟକଙ୍କ ପାଇଁ ନିହାତି ଭାବେ ଏକ ଆଶ୍ଚର୍ଯ୍ୟକର ସ୍ଥାନ। କାରିବିଆନ ସମୁଦ୍ରର ଗଭୀରତମ ସ୍ଥାନରେ ରହିଛି ଏହି ମ୍ୟୁଜିୟମ୍। ଅଣ୍ଡର ୱାଟର ମ୍ୟୁଜିୟମ୍ ଭାବେ ପରିଚିତ ଥିବା ଏହି ମ୍ୟୁଜିୟମ୍‌ରେ ପ୍ରାୟ ୫୦୦ଟି ମୂର୍ତ୍ତିକୁ ଅତି ଯତ୍ନର ସହ ସଂରକ୍ଷଣ କରି ରଖାଯାଇଛି। ୧୬୦୦ ବର୍ଗମିଟର ପରିମିତ ସ୍ଥାନରେ ନିର୍ମାଣ କରାଯାଇଥିବା ଏହି ସ୍ଥାନରେ ଏକ ସ୍ୱତନ୍ତ୍ର କଙ୍କ୍ରିଟରେ ନିର୍ମିତ ବିଭିନ୍ନ ମୂର୍ତ୍ତି ଯଥା, ମଣିଷ, କାର, ଟେବୁଲ, ଟିଭି ଭଳି ଅନେକ ଜିନିଷ ରହିଛି। ଏହି ସ୍ଥାନକୁ ଭ୍ରମଣ କରିବା ଲାଗି ପର୍ଯ୍ୟଟକଙ୍କୁ ପାଣି ଭିତରେ ପହଁରିକି ଯିବାକୁ ପଡିଥାଏ।



# ତୁମ ତୂଳୀରୁ

୧

ସୁଦୀପା ଦେହୁରୀ
କ୍ଲାସ-୮,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଅନୁଗୋଳ

୨

ଅର୍ପିତା ମିଶ୍ର
କ୍ଲାସ-୪,
ବିଜେଇଏମ୍ ସ୍କୁଲ,
ଭୁବନେଶ୍ୱର

୩

ଅଙ୍କିତା ଦାସ
କ୍ଲାସ-୮,
ଷ୍ଟୁଆର୍ଟ ସ୍କୁଲ୍,
ସିଆର୍‌ପି,
ଭୁବନେଶ୍ୱର

୪

ସାରଦା ପ୍ରସନ୍ନ କର
କ୍ଲାସ-୩,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ନୂଆଗଡ

୫

ପୀୟୂଷ ମହାନ୍ତି
କ୍ଲାସ - ୬,
କେମ୍ବ୍ରିଜ୍ ସ୍କୁଲ,
ପୁଣେ

୬

ଯୋଦ୍ଧାଜିତ୍ ଧରୁଆ
କ୍ଲାସ-୭, ବାଘମୁଣ୍ଡ
ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ,
ପାଟଣାଗଡ, ବଲାଙ୍ଗୀର

୭

ଅନୁଷ୍କା ବେଉରା
କ୍ଲାସ-୪,
ସେଣ୍ଟ ଜୋସେଫ୍
ହାଇସ୍କୁଲ୍,
ଭୁବନେଶ୍ୱର


୮

ପ୍ରଜ୍ଞାପରିମିତା ସେଠୀ
କ୍ଲାସ-୩,
କେନ୍ଦ୍ରୀୟ ବିଦ୍ୟାଳୟ,
ସୋନପୁର

୯

ଆଦ୍ୟାଶା ଦାସ
କେଜି -୨, ଜାଭିୟର
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
ସତ୍ୟନଗର, ଭୁବନେଶ୍ୱର



୧


୨


୩


୪


୫


୬



୭


୮


୯

## କହିବ ବିଚାରି



୧. ରଙ୍ଗିଲା ତୋରଣ କରି ନିର୍ମାଣ
ପ୍ରକୃତିକୁ ଜଣାଏ ନିମନ୍ତ୍ରଣ ।
ଆଦ୍ୟ ଆଷାଢ଼ର ଅଧୀଶ୍ୱର
ପାଇଁ କି ହାତରେ ଉପହାର ।
ଧରି ଗ୍ରହରାଜ ଆଗ୍ରହେ ରଚେ
କ୍ଷଣିକେ ଅଗ୍ରାହ୍ୟରୁ ଯାଇ ଲୁଚେ ।

ଉ: ଇନ୍ଦ୍ରଧନୁ



୨. ସାଇରନ୍ ସାଥିରେ ନାଲି ଆଲୋକ
ନିର୍ଘୋଷ ଗମ୍ଭୀର ଶବଦ ସହାୟକ ।
ପ୍ରବଳ ପ୍ରଭଞ୍ଜନରେ ଉଡ଼ାଇ ନେତ
ଆସେ ବିନା ବାଧାରେ ପ୍ରତିଶତ ।
ଉଷ୍ଣତା ହରଣ କରି ଥରାଇ
ବସନ୍ତି ଜଗତେ ମୁହଁ ଲୁଚାଇ ।

ଉ: ଅଦିନ ମେଘ



୩. ଧରା ଛୁଉଁ ଛୁଉଁ ହୁଅଇ ପାଣି
ଚାଷୀ କ୍ଷେତ ନାଶନ ଶିରୋମଣି ।
ଆଦ୍ୟ ଆଷାଢ଼ର ବରଷା ଜଳ
ସାଦରେ ଗୋଟାନ୍ତି ପିଲା ବୁଢ଼ା ସକଳ ।

ଉ: କୁଆପଥର



୪. ନଈର ପାଣି କରି ଦେଇ ଗୋଳିଆ
ଆତଙ୍କିତ କର ନଈକୂଳିଆ ।
ଜନଙ୍କର ଚିନ୍ତା ଦିଏ ବଢ଼େଇ
ଜଳଚର ଜୀବ ସୁଖ ଯୋଗାଇ ।
ବନ୍ଧ ବାଡ଼ ଭାଙ୍ଗି ଉପାଡ଼ି ଗଛ
ଧାଇଁଯାଏ ଆଗେ ନ ଚାହିଁ ପଛ ।
କୂଳବାସୀ ଜନ ବ୍ୟାକୁଳ କରି
ଧରିବାକୁ ମାଛ ଜାଲ ପ୍ରସାରି ।

ଉ: ବନ୍ୟା

– **ରମାକାନ୍ତ ପୁରୋହିତ**
ନିରାକାରପୁର, ଖୋରଧା




## ଏଥରର ପ୍ରଶ୍ନ ?


- ୨୦୨୦ ମସିହାରେ କେଉଁ ଦେଶରେ ଅଲିମ୍ପିକ୍ସ ଅନୁଷ୍ଠିତ ହେବାକୁ ଯାଉଛି ?
- ଭାରତ କେଉଁ ମସିହାରେ ପ୍ରଥମ କ୍ରିକେଟ ୱାର୍ଲ୍ଡକପ୍ ବିଜେତା ହୋଇଥିଲା ?
- କେଉଁ ଖେଳରେ 'ସଟଲକର୍କ'ର ବ୍ୟବହାର କରାଯାଏ ?
- ଭାରତରେ ଜାତୀୟ ଖେଳ ଦିବସ କେବେ ପାଳନ କରାଯାଏ ?
- ମାଷ୍ଟର ବ୍ଲାଷ୍ଟର ଭାବେ କେଉଁ ଖେଳାଳି ବେଶ୍ ପରିଚିତ ?

## ଆର ଥରର ଉତ୍ତର

* କୈଳାସ
* ଗଙ୍ଗା
* ଫାଲ୍‌ଗୁନ
* ନଟରାଜ
* ବେଲ
* ବୃଷଭ
* ପିନାକ

## ତୁମ ପଢ଼ିବା ପାଇଁ

### ପୁଅ ରଖିଲା ମହତ




ଗଳ୍ପ ସଙ୍କଳନ 'ପୁଅ ରଖିଲା ମହତ'ରେ ରହିଛି ୧୦ଟି ଶିକ୍ଷଣୀୟ ଗଳ୍ପ । ସେଗୁଡିକ ମଧ୍ୟରେ ରହିଛି 'ପୁଅ ରଖିଲା ମହତ, ଧନ ଓ ଜୀବନ, ଘରଭଡା, ଝଗଡାର ସୁଫଳ, ଅନ୍ଧକୁ ହେଲେ ଅନୁଗତ, ପର ଆପଣା, ମୁନା ହେଲା ସୁନାପିଲା, ଶସ୍ତାରୁ ହୀନସ୍ତା, ମିଛ ଅଭିନୟର ଫଳ ଏବଂ ବୀରପଣ ଗଲା ଫସର ଫାଟି । ନିର୍ଭୟ କୁମାର ପାଣିଙ୍କ ରଚିତ ଏହି ଗଳ୍ପ ସଙ୍କଳନର ମୂଲ୍ୟ ରହିଛି ୧୫ଟଙ୍କା । ଯୋଗାଯୋଗ:'ପୁଅ ରଖିଲା ମହତ',ବିଜିଗୋଲ, ଅନୁଗୋଳ ।

## କବିତା

### ବସନ୍ତ ଆସିଛି

– **ପୀତାମ୍ବର ଦାସ**

ଖିଲିଖିଲି ହସୁଅଛି
ଆସିଅଛି ବୋଲି ପରା
ନାଲି ଟହଟହ ଦିଶେ
ରାଧାଚୂଡ଼ା ସୁରଭିରେ
ତରାଟର ସୁଗନ୍ଧରେ
ଭରିଯାଏ ମହକରେ
ଆମ୍ବ ବଉଳରୁ ଝରେ
କୋଇଲି ତ ଗାଇଯାଏ
ନାହିଁ ଶୀତ ଅବା ଗ୍ରୀଷ୍ମ
ଇଏପରା ଧରଣୀର
ସବୁ ମନେ ଭରେ ଖୁସି
ଫଗୁଖେଳ ପିଚକାରି

ଆମରି ଏ ମରତ
ଧରଣୀକୁ ବସନ୍ତ ।
କୃଷ୍ଣଚୂଡ଼ା ଶିମିଳି
ଧରା ଉଠେ କୁରୁଳି ।
ଫଗୁଣର ଆକାଶ
ଦେଖୁଦେଖୁ ନିମିଷ ।
ମିଠାମିଠା ଅମୃତ
ସୁମଧୁର ସଙ୍ଗୀତ ।
ବହିଯାଏ ମଳୟ
ଭାରି ଶୁଭ ସମୟ ।
ସ୍ନେହଶ୍ରଦ୍ଧା ମମତା
ବୁଣେ ପ୍ରୀତି ବାରତା ।

– ଭାରତୀୟ ଜୀବନବୀମା ନିଗମ,
ଜଳେଶ୍ୱର ଶାଖା, ବାଲେଶ୍ୱର



### ଚତୁଃ ଶବ୍ଦରେ ଗଢ଼ା

–ମାଳତୀ ଲତା ବାରିକ

ପିତାମାତା ଚାରିଅକ୍ଷର
ଭାଗବତ ଚାରିଅକ୍ଷର
ରାମାୟଣ ଚାରିଅକ୍ଷର
ପାପପୁଣ୍ୟ ଚାରିଅକ୍ଷର
ଧନଜନ ଚାରିଅକ୍ଷର
ବିଦ୍ୟାବୁଦ୍ଧି ଚାରିଅକ୍ଷର
ଭଲମନ୍ଦ ଚାରିଅକ୍ଷର
ସୁଖଦୁଃଖ ଚାରିଅକ୍ଷର
ଜନ୍ମମୃତ୍ୟୁ ଚାରିଅକ୍ଷର

ହସକାନ୍ଦ ଚାରିଅକ୍ଷର
ଦାନଧର୍ମ ଚାରିଅକ୍ଷର
ଜପତପ ଚାରିଅକ୍ଷର
ଦେବଦେବୀ ଚାରିଅକ୍ଷର
ଜନ୍ମଭୂମି ଚାରିଅକ୍ଷର
ପୁରୀଧାମ ଚାରିଅକ୍ଷର
ସ୍ୱର୍ଗଦ୍ୱାର ଚାରିଅକ୍ଷର
ଜଗନ୍ନାଥ ଚାରିଅକ୍ଷର
ଜଗତରେ ତୁମେ ଶ୍ରେଷ୍ଠ ଠାକୁର
ସମସ୍ତଙ୍କ ଦୁଃଖ କରିବ ଦୂର ।

–ପଟ୍ଟାଙ୍ଗି, କୋରାପୁଟ

# ଜଣା ଅଜଣା




ଧଳା ଲୋମଯୁକ୍ତ ପୋଲାର ବିୟରର ଚର୍ମର ରଙ୍ଗ କଳା ଥାଏ।



ଜଳହସ୍ତୀ ଏକମାତ୍ର ସ୍ତନ୍ୟପାୟୀ ପ୍ରାଣୀ ଯିଏ ଗୋଲାପି ରଙ୍ଗର କ୍ଷୀର ଦେଇଥାଏ।



ପୃଥିବୀର ୧୦ ପ୍ରତିଶତ ବ୍ୟକ୍ତି ବାମ ହାତି ଅଟନ୍ତି।




ବାୟୁମଣ୍ଡଳରେ ନାଇଟ୍ରୋଜେନ ଗ୍ୟାସ୍‌ର ପରିମାଣ ୭୮ ପ୍ରତିଶତ ଥିବା ବେଳେ ଅମ୍ଳଜାନ ଗ୍ୟାସ୍‌ର ପରିମାଣ ୨୧ ପ୍ରତିଶତ ରହିଛି।



'ଅପ୍ସରା' ହେଉଛି ଭାରତର ସର୍ବ ପ୍ରଥମ ନ୍ୟୁକ୍ଲିୟର ରିସର୍ଚ୍ଚ ରିଆକ୍ଟର। ଏହାକୁ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।



ଫୁଟବଲ ହେଉଛି ପୃଥିବୀର ସବୁଠାର ଲୋକପ୍ରିୟ ଖେଳ। ସମଗ୍ର ବିଶ୍ୱରେ ଏହାର ପ୍ରାୟ ୪ ବିଲିୟନ ପ୍ରଶଂସକ ଅଛନ୍ତି ବୋଲି ରେକର୍ଡ କରାଯାଇଛି।



ବିଲୁଆ ନିଜ ଲାଞ୍ଜକୁ ହଲାଇ ଅନ୍ୟ ବିଲୁଆ ସହ ଯୋଗାଯୋଗ ସ୍ଥାପନ କରିଥାଏ।



ସୌଦି ଆରବର ୯୫ ପ୍ରତିଶତ ମରୁଭୂମି ଦ୍ୱାରା ଆଚ୍ଛାଦିତ। ପୃଥିବୀର ବୃହତ୍ତମ ମରୁଭୂମି ମଧ୍ୟରୁ ଅନ୍ୟତମ 'ରବ୍ ଆଲ୍ ଖାଲି' ନାମକ ମରୁଭୂମି ଏହାର ଦକ୍ଷିଣ ଭାଗରେ ଅବସ୍ଥିତ।

# ଆଇନା



ବିଶ୍ୱ ପୂଜାରିଣୀ
୧୨ ବର୍ଷ



ଅଭିଷେକ
୬ ବର୍ଷ



ଶୁଭମ୍
୮ ବର୍ଷ